ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ , କୋଷାଗୁମୁଡା
ଜିଲ୍ଲା – ନବରଙ୍ଗପୁର
Email-cdpokosagumuda@gmail.com

ବିଜ୍ଞାପନ ସଂଖ୍ୟା:- 324/2026 ତା :- 05.05.2026

# ବିଜ୍ଞାପନ

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ କୋଷାଗୁମୁଡା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅନ୍ତର୍ଗତ ଖାଲି ପଡିଥିବା ନିମ୍ନ ଅଙ୍ଗନୱାଡି କେନ୍ଦ୍ରର ଅଙ୍ଗନୱାଡି କର୍ମୀ ନିଯୋଜନ ନିମନ୍ତେ ସମ୍ପୃକ୍ତ ଗ୍ରାମର ମହିଳା ପ୍ରାର୍ଥିନୀ ମାନଙ୍କଠାରୁ Online Portal ମାଧ୍ୟମରେ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ଇଚ୍ଛୁକ ପ୍ରାର୍ଥିନୀ ମାନେ ଆସନ୍ତା ତା-୦୬-୦୫-୨୦୨୬ ରିଖ ଠାରୁତା- ୨୦-୦୫-୨୦୨୬ ରିଖ ସନ୍ଧ୍ୟା ୫.୩୦ସୁଦ୍ଧା Online ମାଧ୍ୟମରେ ଆବେଦନ କରିପାରିବେ ।

ପ୍ରକାଶ ଥାଉକି ଏହି ବିଜ୍ଞାପନ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରିବ । ନିମ୍ନରେ ଖାଲି ପଡିଥିବାଅଙ୍ଗନୱାଡି କେନ୍ଦ୍ରର ବିବରଣୀ ପ୍ରଦାନ କରାଗଲା ।

| କ୍ରମିକ ସଂଖ୍ୟା | ଗ୍ରାମ ପଞ୍ଚାୟତର ନାମ | ଖାଲିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ |
|---|---|---|
| ୧ | ବି.ଏମ୍.ସେମେଲା | କେରାଣ୍ଡିମାଲ-୧ |
| ୨ | ରାଜୋଡା | ରାଜୋଡା-୨ |

ଇଚ୍ଛୁକ ପ୍ରାର୍ଥିନୀ ମାନେ Website : http://engagement-awc.odisha.gov.inରେ registration କରିବେ ଏବଂ public login କରି (using User Name &Password) ନିର୍ଦ୍ଧାରିତ ତାରିଖ ତଥା ସମୟ ମଧ୍ୟରେ ଆବେଦନ କରି ତତ ସମ୍ପର୍କିତ ପ୍ରାପ୍ତି ସ୍ୱୀକୋରକ୍ତି ପାଇ ପାରିବେ ।

**<u>ନିମ୍ନ ଲିଖିତ ଯୋଗ୍ୟତା ଥିବା ଇଚ୍ଛୁକ ପ୍ରାର୍ଥିନୀ ଆବେଦନ କରିପାରିବେ।</u>**

୧) ପ୍ରାର୍ଥିନୀଙ୍କ ବୟସ ତା – ୦୧-୦୧-୨୦୨୬ ରିଖ ସୁଦ୍ଧା ୧୮ ରୁ ୩୫ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ ।

୨) ପ୍ରାର୍ଥିନୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସର ଭୁକ୍ତ ସ୍ଥାୟୀ ବାସିନ୍ଦା ହୋଇଥିବେ । (ସ୍ଥାନୀୟ ତହସିଲଦାର ଙ୍କ ଠାରୁ ପାଇଥିବା ପ୍ରମାଣପତ୍ର ର ସହି ନକଲ ) ସଂଲଗ୍ନ କରିବେ ।

୩)ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ ଦ୍ୱାଦଶ ପାସ ହୋଇଥିବା ଆବଶ୍ୟକ । ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ପ୍ରାର୍ଥିନୀଙ୍କୁ ଗ୍ରେସ ମାର୍କ ଦିଆଯିବ ।

୪) ଉକ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ପଦବୀରେ କେବଳ ତହସିଲଭୁକ୍ତ ଜନଜାତି ପ୍ରାର୍ଥିନୀଙ୍କୁ ଅଙ୍ଗନୱାଡି କର୍ମୀ ଭାବରେ ଚୟନ କରାଯିବ । ଯଦି ଅଙ୍ଗନୱାଡି କେନ୍ଦ୍ର ଦ୍ୱାରା ପରିଚାଳିତ ଅଂଚଳରେ କୌଣସି ଉପଯୁକ୍ତ ଜନଜାତି ପ୍ରାର୍ଥିନୀ ଉପଲବ୍ଧ ନଥାନ୍ତି, ତେବେ, ସେହି ଗ୍ରାମରୁ କିମ୍ବା ଅଙ୍ଗନୱାଡି କେନ୍ଦ୍ର ସେବା କ୍ଷେତ୍ର ବାହାରେ ଜଣେ ଉପଯୁକ୍ତ ଅନୁସୂଚିତ ଜନଜାତି ପ୍ରାର୍ଥି ଚୟନ କରାଯାଇପାରିବ । ଯଦି ସେହି ଗ୍ରାମ ଭିତରେ ମଧ୍ୟ କୌଣସି ଅନୁସୂଚିତ ଜନଜାତି ପ୍ରାର୍ଥି ଉପଲବ୍ଧ ନଥାନ୍ତି, ତେବେ ଗ୍ରାମ ପଂଚାୟତ ଆଖପାଖ ଗ୍ରାମର ପ୍ରାର୍ଥିନୀଙ୍କୁ ଅଙ୍ଗନୱାଡି କର୍ମୀ ଚୟନ ପାଇଁ ବିଚାରକୁ ନିଆଯାଇ ପାରେ । ଯଦି କୌଣସି ମାମଲାରେ ଉପଯୁକ୍ତ ଅନୁସୂଚିତ ଜନଜାତି ପ୍ରାର୍ଥି ଉପଲବ୍ଧ ନଥାନ୍ତି ତେବେ ଉପର ପ୍ରକାରେ ଅନୁସୂଚିତ ଜାତି ପ୍ରାର୍ଥିଙ୍କ ପାଇଁ ଏହାକୁ ଖୋଲା କରାଯାଇପାରେ । ଯଦି କୌଣସି ମାମଲାରେ ଉପଯୁକ୍ତ ଅନୁସୂଚିତ ଜାତି ପ୍ରାର୍ଥି ଉପଲବ୍ଧ ନଥାନ୍ତି ତେବେ ଉପର ପ୍ରକାରେ ଅଣଅନୁସୂଚିତ ଜନଜାତି /ଅଣଅନୁସୂଚିତ ଜାତି ପ୍ରାର୍ଥିନୀଙ୍କପାଇଁ ଏହାକୁ ଖୋଲା କରାଯାଇପାରେ ।

୫)ବିଧବା, ସ୍ୱାମୀ ପରିତ୍ୟକ୍ତା, , ଅସହାୟ ମହିଳା, ଭିନ୍ନକ୍ଷମ, ଅନାଥ, ଶିକ୍ଷାଗତ ଯୋଗ୍ୟତା +୨ କିମ୍ବା ତଦୁର୍ଦ୍ଧ, ସର୍ବଶିକ୍ଷା ଅଭିଯାନରେଥିବା ECCE କର୍ମୀ, ବାଳବାଡି କର୍ମୀ (କେନ୍ଦ୍ର ଇଲାକାର) ପ୍ରାର୍ଥିନୀଙ୍କୁ (ସଠିକ ପ୍ରମାଣପତ୍ର ଥାଇ) ଏହି ପଦବୀ ନିମନ୍ତେ ଅଗ୍ରାଧିକାର ଦିଆଯିବ।

**ଆବେଦନ ପାଇଁ ଆବଶ୍ୟକୀୟ ପ୍ରମାଣପତ୍ର :- (ସମସ୍ତ ପ୍ରମାଣପତ୍ରର ଅବିକଳ ନକଲ ସଂଲଗ୍ନ କରିବେ)**

୧। ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ଓ ମାର୍କସିଟ ( ମାଟ୍ରିକ ପାସ, +୨ , +୩ ଓ ତଦୁର୍ଦ୍ଧ )
୨। ସ୍ଥାୟୀବାସିନ୍ଦା ପ୍ରମାଣପତ୍ର (ଆବେଦନ ସମୟକୁ ମିଶାଇ ତହସିଲଦାରଙ୍କ ଠାରୁ ୬ ମାସ ମଧ୍ୟରେ)
୩। ଜାତିଗତ ପ୍ରମାଣପତ୍ର (ତହସିଲଦାରଙ୍କ ଠାରୁ ପ୍ରାପ୍ତ)
୪। ପ୍ରାର୍ଥିନୀ ନିଜ ଦସ୍ତଖତ, ଭୋଟର ପରିଚୟପତ୍ର, ଆଧାରକାର୍ଡ, ବର୍ତ୍ତମାନର ପାସପୋର୍ଟ ସାଇଜର ଫୋଟୋ, ଅଙ୍ଗନୱାଡି କର୍ମୀଙ୍କ ଠାରୁ ନିଜଗୃହର ସର୍ଭେ ନମ୍ବର ଗୁଡିକୁ online ରେ Upload କରିବେ ।
୫। ବିଧବା, ଅସହାୟ ମହିଳା, ଭିନ୍ନକ୍ଷମ ଓ ECCE କର୍ମୀଙ୍କର ପ୍ରମାଣପତ୍ର ।

ବି.ଦ୍ର. ସମସ୍ତ ଆନୁସଙ୍ଗିକ ପ୍ରମାଣପତ୍ରର ନକଲ (Attested Copy) Online ଫର୍ମରେ Upload କରିବେ । କୌଣସି ପରିସ୍ଥିତିରେ ନିର୍ଦ୍ଧାରିତ ତାରିଖ କିମ୍ବା ସମୟସୀମା ଅତିବାହିତ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଅସମ୍ପୂର୍ଣ୍ଣ ତଥା ଆବଶ୍ୟକ ପ୍ରମାଣପତ୍ର upload ହୋଇ ନଥିଲେ ଦରଖାସ୍ତ ଫର୍ମ ନାକଚ କରାଯିବ ।

ପ୍ରାପ୍ତ ହୋଇଥିବା ସମସ୍ତ Online ଦରଖାସ୍ତ ଆବେଦନ କରିବାର ଶେଷ ତାରିଖ ପରେ ଯାଞ୍ଚ କରାଯିବ । ଏଣୁ ନିଜର ମୂଳ ପ୍ରମାଣ ପତ୍ର ଗୁଡିକ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା- ୨୧-୦୫-୨୦୨୬ ରିଖ ୧୦ ଘଟିକା ସମୟରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ରହି ଯାଞ୍ଚ କମିଟି ଦ୍ୱାରା ହୋଇଥିବା ଯାଞ୍ଚ ପ୍ରକ୍ରିୟାରେ ଭାଗନେବେ ନଚେତ, ଦରଖାସ୍ତ ରଦ୍ଦ କରାଯିବ ଏବଂ ସେହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ ।

ଖାରଜ ହୋଇଥିବା କିମ୍ବା କାୟମ ହୋଇଥିବା ଆବେଦନକାରୀଙ୍କ ତାଲିକା Online website: http://engagement-awc.odisha.gov.in ମାଧ୍ୟମରେ ପ୍ରକାଶ କରାଯିବ । ଯଦି କୌଣସି ଆବେଦନକାରୀଙ୍କ ଅଭିଯୋଗ ଥାଏ, ସେମାନେ Public login ମାଧ୍ୟମରେ ଦାଖଲ କରିପାରିବେ ।

ଅଙ୍ଗନୱାଡି କର୍ମୀ ସରକାରୀ ପଦବାଚ୍ୟ ନହୋଇ ଏହା ଏକ ସ୍ୱେଚ୍ଛାସେବୀ ହୋଇଥିବାରୁ ଅବୈତନିକ ଏବଂ ସ୍ଥାନୀୟ ଲୋକସେବା ନିମନ୍ତେ ଉଦ୍ଦିଷ୍ଟ ହୋଇଥିବାରୁ ଉକ୍ତ ପଦ ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦିଷ୍ଟ ଦରମା ର ବ୍ୟବସ୍ଥା ନାହିଁ କିମ୍ବା ନିୟମିତ ସରକାରୀ ଚାକିରୀ ନୁହେଁ । ତେଣୁ ଓଡିଶା ସରକାରଙ୍କ ଓ. ଆର. ଭି। ନିୟମ ୧୯୭୫ କିମ୍ବା ସଂସ୍ଥାନ ନିଯୋଜନ ଆଇନ,୧୯୫୯ ଏହି କ୍ଷେତ୍ରରେ ଲାଗୁ ହେବ ନାହିଁ କିମ୍ବା ସରକାରୀ ପଦବାଚ୍ୟ ହେବ ବୋଲି କହିପାରିବେ ନାହିଁ ସେହିଭଳି ଅଙ୍ଗନୱାଡି କର୍ମୀ ଭବେ ମନୋନିତ ହେବା ଆଧାରରେ ଭବିଷ୍ଯତରେ କୌଣସି ନିୟମିତ ନିଯୁକ୍ତି ଦାବି କରିପରିବେ ନାହି ।

ସରକାରଙ୍କ ନିୟମ ଅନୁଯାୟୀ ମାସିକ ହାରରେ ପାରିଶ୍ରମିକ ଦିଆଯାଇଥାଏ, ଯାହାକି ବର୍ତ୍ତମାନ ସ୍ଥଳେ ମାସକୁ ୧୦,୦୦୦/- ଟଙ୍କା ଦିଆଯାଉଅଛି ।

(signature) 5/5/2026

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କୋଷାଗୁମୁଡା

ପରିପତ୍ର ସଂଖ୍ୟା : 325 /2026 ତା: 05-05-2026

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ, ନବରଙ୍ଗପୁର- ତଥା-ଅଧକ୍ଷ- ସମନ୍ବିତ ଶିଶୁ ବିକାଶ ପ୍ରକଳ୍ପଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(signature) 5/5/2026

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କୋଷାଗୁମୁଡା

ପରିପତ୍ର ସଂଖ୍ୟା : 326 /2026 ତା: 05-05-2026

ଏହାର ଏକକିତା ନକଲ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ନବରଙ୍ଗପୁର ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

(signature) 5/5/2026

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କୋଷାଗୁମୁଡା

ପରିପତ୍ର ସଂଖ୍ୟା : 327 /2026 ତା: 05-05-2026

ଏହାର ଏକକିତା ନକଲ ସମନ୍ବିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, କୋଷାଗୁମୁଡା ନୋଟିସ ବୋର୍ଡ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କୋଷାଗୁମୁଡା/ ସରପଞ୍ଚ ବି.ଏମ୍.ସେମେଲା ଗ୍ରାମପଞ୍ଚାୟତ/ ସରପଞ୍ଚ ରାଜୋଡା ଗ୍ରାମପଞ୍ଚାୟତ / ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ୱାଡ଼ ମେମ୍ବର/ ସମ୍ପୃକ୍ତ ମଣ୍ଡଳ ପରିଦର୍ଶିକାଙ୍କ ଅବଗତି ପାଇଁ ଲଟକା ଜାରି ନିମନ୍ତେ ପ୍ରେରଣ କରାଗଲା ।

(signature) 5/5/2026

ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
କୋଷାଗୁମୁଡା